# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 2870 CUTTACK, SATURDAY, DECEMBER 16, 2023/MARGASIRA 25, 1945**


**ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

ଅଧିସୂଚନା

ତାରିଖ ୩୦ ନଭେମ୍ବର ୨୦୨୩

No. 909—XXV-I-C—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସମ୍ବଲପୁର ଜିଲ୍ଲାର ସମ୍ବଲପୁର-ଟିଟିଲାଗଡ ଦୋହରା ରେଳପଥ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା ସମ୍ବଲପୁର ଟାଉନ, ୟୁନିଟ ନଂ. ୧୩, ବରେଇପାଲି, ଥାନା ସମ୍ବଲପୁର, ତହସିଲ ସମ୍ବଲପୁର, ଜିଲ୍ଲା ସମ୍ବଲପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ. ୦.୨୩୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLA R & R Act, 2013) ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧ (୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ :—

୧। ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ— ସମ୍ବଲପୁର- ଟିଟିଲାଗଡ ଦୋହରା ରେଳପଥ ନିର୍ମାଣ ନିମନ୍ତେ ।

୨। ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ— ପୂର୍ବତଟ ରେଳପଥ ତରଫରୁ ଉପମୁଖ୍ୟ ନିର୍ବାହୀ ଯନ୍ତ୍ରୀ, ସମ୍ବଲପୁର ।

୩। କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ— ସାର୍ବଜନୀନ ଉଦ୍ଦେଶ୍ୟରେ ସମ୍ବଲପୁର- ଟିଟିଲାଗଡ ଦୋହରା ରେଳପଥ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା । ପ୍ରକାର ଥାଉ କି ଏହି ଭୂମି ଅଧିଗ୍ରହଣ ଦ୍ୱାରା ବିସ୍ଥାପନର ସମ୍ଭାବନା ନାହିଁ ।

୪। ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ— ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ଘୋଷଣା ସଂଖ୍ୟା ୩୧୮୬୬, ତା. ୪ ସେପ୍ଟେମ୍ବର ୨୦୨୩ ରିଖ ଦ୍ରଷ୍ଟବ୍ୟ ।

୫। ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ— ଉପ ଜିଲ୍ଲାପାଳ, ତଥା ପ୍ରଶାସକ ପୁନର୍ବାସ ଓ ଥଇଥାନ, ସମ୍ବଲପୁର ।

୬। ଜମିର ବିବରଣୀ :

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) |
| ସମ୍ବଲପୁର | ସମ୍ବଲପୁର | ସମ୍ବଲପୁର ଟାଉନ, ୟୁନିଟ ନଂ. ୧୩, ବରେଇପାଲି | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୦.୨୩୩ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ୦.୦୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁର-ଟିଟିଲାଗଡ ଦୋହରା ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସମ୍ବଲପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅନୁସୂଚୀ

ମୌଜା : ବରେଇପାଲି, ତହସିଲ- ସମ୍ବଲପୁର, ଥାନା ସମ୍ବଲପୁର, ଥାନା ନଂ. ୧୪, ଜିଲ୍ଲା ସମ୍ବଲପୁର

| କ୍ର.ନଂ. | ଖାତା ନମ୍ବର | ରୟତଙ୍କ ନାମ ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା |
|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) |
| ୧ | ୫୬୭/ ୧୫୧୬ | ସିଦ୍ଧାର୍ଥ ଇନଫ୍ରାଷ୍ଟ୍ରକଚରସ, ଦଲେଇପଡା, ସମ୍ବଲପୁର ତରଫରୁ | ୨୮୮୧ | ଘରବାରି-୧ | ୦.୧୬୦ | ୦.୧୬୦ |
| ୨ | ୫୬୭/ ୯୨୬ | କାନିଜ ଫତିମା, ସ୍ୱା- ଆସଫ ଅଲ୍ଲି ଖାଁ, ଜା.ମୁସଲମାନ, ବା. ଦଲେଇପଡା,ସମ୍ବଲପୁର | ୨୯୧୧ | ଘରବାରି-୧ | ୦.୦୨୫ | ୦.୦୨୫ |
| ୩ | ୫୬୭/ ୯୨୬ | କାନିଜ ଫତିମା, ସ୍ୱା- ଆସଫ ଅଲ୍ଲି ଖାଁ, ଜା.ମୁସଲମାନ, ବା. ଦଲେଇପଡା,ସମ୍ବଲପୁର | ୨୯୧୨ | ଘରବାରି-୧ | ୦.୦୪୫ | ୦.୦୩୪ |
| ୪ | ୬୫୩ | ସିଦ୍ଧାର୍ଥ ଇନଫ୍ରାଷ୍ଟ୍ରକଚରସ, ଦଲେଇପଡା, ସମ୍ବଲପୁର ତରଫରୁ | ୨୮୮୦ | ଘରବାରି-୧ | ୦.୦୧୪ | ୦.୦୧୪ |
| | | | | ମୋଟ | | ୦.୨୩୩ |

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅସ୍ପଷ୍ଟ
ଜିଲ୍ଲାପାଳ, ସମ୍ବଲପୁର

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2155—173+9